# NATIONAL NEWS BULLETIN (ODIA)

## 13 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଆୟୁଷ ପ୍ରଣାଳୀ ସହ କୃତ୍ରିମ ବୁଦ୍ଧିମତ୍ତାକୁ ସମନ୍ୱିତ କରିବା କ୍ଷେତ୍ରରେ ଭାରତର ପ୍ରୟାସକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ୱୀକୃତି
- ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଜିଠାରୁ ସିଙ୍ଗାପୁର ଓ ଚୀନ୍ ଗସ୍ତରେ ଯିବେ ବୈଦେଶିକ ମନ୍ତ୍ରୀ
- ଆଚାର୍ଯ୍ୟ ଶୁଶ୍ରୁତଙ୍କ ଜୟନ୍ତୀ ଅବସରରେ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ ଜାତୀୟ ସମ୍ମିଳନୀ ଶଲ୍ୟକନ-୨୦୨୫
- ବିହାରରେ ସ୍ୱତନ୍ତ୍ର ଭୋଟରତାଲିକା ସଂଶୋଧନ ଅଭିଯାନରେ ୮୦ ପ୍ରତିଶତରୁ ଅଧିକ ମତଦାତା ଫର୍ମ ସଂଗ୍ରହ ହୋଇଥିବା ସୂଚନା

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ୍‌ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ୨ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଇଂଲଣ୍ଡ

## ହୁ-ଆୟୁଷ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପାରମ୍ପରିକ ଔଷଧ ବିଶେଷକରି ଆୟୁଷ ପ୍ରଣାଳୀ ସହ କୃତ୍ରିମ ବୁଦ୍ଧିମତ୍ତାକୁ ସମନ୍ୱିତ କରିବା କ୍ଷେତ୍ରରେ ଭାରତର ପ୍ରୟାସକୁ

ସ୍ୱୀକୃତି ଦେଇଛି । **ପାରମ୍ପରିକ ଔଷଧରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ** ଶୀର୍ଷକ ପ୍ରଥମ ବୈଷୟିକ ବିବରଣୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆୟୁର୍ବେଦ, ସିଦ୍ଧ, ୟୁନାନି, ସୋୱା ରିଗ୍‌ପା, ଏବଂ ହୋମିଓପାଥିରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କରିବାରେ ଭାରତ ଅଗ୍ରଗତି କରୁଥିବା କୁହାଯାଇଛି ।

କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଚିହ୍ନଟ ବ୍ୟବସ୍ଥାରେ ନାଡ଼ି ଦେଖିବା ଏବଂ ପ୍ରକୃତି ମୂଲ୍ୟାୟନ ଭଳି ପଦ୍ଧତି ଗୁଡ଼ିକୁ ମେସିନ୍ ଲର୍ଣ୍ଣିଂ ଓ ନ୍ୟୁରାଲ୍ ନେଟୱାର୍କିଂ ମାଧ୍ୟମରେ ସଠିକ୍ ଢଙ୍ଗରେ ନିୟନ୍ତ୍ରଣ କରାଯାଇ ବ୍ୟକ୍ତିଗତ ପ୍ରତିରୋଧ ବ୍ୟବସ୍ଥାକୁ ଉନ୍ନତ କରାଯାଇ ପାରିଛି । ଆୟୁର୍ବେଦିକ ନୀତି ଏବଂ ଜିନୋମିକ୍ସର ମିଶ୍ରଣରେ ଆୟୁର୍ଜେନୋମିକ୍ସ ପଦକ୍ଷେପ ରୋଗ ଚିହ୍ନଟ କରିବା ଏବଂ ଏହାର ନିରାକରଣ ଲାଗି କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ପରାମର୍ଶ ଦେଇପାରୁଛି । ଏହା ପରିଚାଳିତ ଉପକରଣ ଗୁଡ଼ିକ ପ୍ରାଚୀନ ବ୍ୟବସ୍ଥାଗୁଡ଼ିକୁ ତାଲିକାଭୁକ୍ତ କରି ଏହାର ବିଶ୍ଳେଷଣକୁ ଅଧିକ ସହଜ କରୁଥିବା କୁହାଯାଇଛି ।

ଏ କ୍ଷେତ୍ରରେ ଭାରତର ତ୍ୱରିତ ପଦକ୍ଷେପକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରଶଂସା କରିଛି ।

କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପାରମ୍ପରିକ ଔଷଧର ପ୍ରୟୋଗକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନ୍ୟତା ଭାରତର ସଫଳତାର ପ୍ରମାଣ ବୋଲି କହିଛନ୍ତି । ସେ କହିଛନ୍ତି, ସହି, ନମସ୍ତେ ଓ ଆୟୁଷ ଗବେଷଣା ପୋର୍ଟାଲ୍ ମାଧ୍ୟମରେ ଭାରତ ପ୍ରାଚୀନ ଚିକିତ୍ସା ବ୍ୟବସ୍ଥାକୁ ସଂରକ୍ଷଣ କରୁଛି ।

**V/O (Pratap Rao Yadav)**

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରୋଜଗାର ମେଳା ମାଧ୍ୟମରେ ସରକାର ଯୁବପିଢ଼ିଙ୍କୁ ସଶକ୍ତ କରୁଛନ୍ତି ।  ଗତକାଲି ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ଗଠନରେ ଯୁବପିଢ଼ି ସହାୟକ ହେବେ ।

**V/O (PM- Modi-1)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଦୁଇଟି ଅସୀମ ଶକ୍ତି ହେଉଛି- ଏହାର ଜନସଂଖ୍ୟା ଏବଂ ଅନ୍ୟଟି ଗଣତନ୍ତ୍ର । ଦେଶର ଯୁବକମାନେ  ଏବେ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM- Modi-2)**

# ଜୟଶଙ୍କର-ସିଙ୍ଗାପୁର-ଚୀନ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁର ଓ ଚୀନ୍ ଗସ୍ତ କରିବେ । ସିଙ୍ଗାପୁରରେ ଡକ୍ଟର ଜୟଶଙ୍କର ତାଙ୍କ ପ୍ରତିପକ୍ଷ ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା କରିବେ । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ସେ ତିଆନ୍‌ଜିନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ବୈଦେଶିକ ମନ୍ତ୍ରୀପରିଷଦ ବୈଠକରେ ଅଂଶ ଗ୍ରହଣ କରିବା ଲାଗି ଚୀନ୍‌କୁ ଯିବେ । ସେଠାରେ ମଧ୍ୟ ଦ୍ୱିପାକ୍ଷିକ ବୈଠକ ବସିବାର କାର୍ଯ୍ୟସୂଚୀ ରହିଛି ।

## ଅମିତ ଶାହା-କେରଳ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୃଷ୍ଟିକୋଣ ଦକ୍ଷିଣ ରାଜ୍ୟଗୁଡ଼ିକର ବିକାଶ ଦ୍ୱାରା ହିଁ ବାସ୍ତବତାରେ ପରିଣତ ହୋଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ବିକଶିତ କେରଳମ୍ ହେଉଛି, ବିକଶିତ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ । ଥିରୁବନନ୍ତପୁରମ୍‌ର ପୁଥାରିକଣ୍ଡମ୍ ପଡ଼ିଆରେ ଦଳୀୟ ୱାର୍ଡ ସ୍ତରୀୟ ନେତୃତ୍ୱ ବୈଠକରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ଦୁର୍ନୀତିମୁକ୍ତ ଶାସନ, ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏବଂ ରାଜନୈତିକ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱକୁ ଉଠି ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ତିନୋଟି ମୁଖ୍ୟ ଦୃଷ୍ଟିକୋଣ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଅପରେସନ ସିନ୍ଦୂର ଏବଂ ସର୍ଜିକାଲ୍ ଷ୍ଟ୍ରାଇକ୍ ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ମୁକାବିଲା କରାଯାଇପାରିଛି । ଜାତୀୟ ସୁରକ୍ଷା ପ୍ରତି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ସେ ଏହି ଅବସରରେ ଦୋହରାଇଥିଲେ ।

## ଇସି-ବିହାର

ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ବିହାରରେ ପାଖାପାଖି ସମସ୍ତ ଭୋଟରଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରାଯାଉଛି ଏବଂ ୮୦ ପ୍ରତିଶତରୁ ଅଧିକ ଭୋଟର ମତଦାତା ଫର୍ମ ଜମା କରିଥିବା ଜଣାପଡ଼ିଛି । କମିଶନ କହିଛନ୍ତି, ଚଳିତମାସ ୨୫ ତାରିଖ ପୂର୍ବରୁ ମତଦାତା ଫର୍ମ ସଂଗ୍ରହ କାର୍ଯ୍ୟ ଶେଷ କରିବା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଯେଉଁ

ଭୋଟରମାନେ ଅଗଷ୍ଟ ୧ ତାରିଖରେ ପ୍ରକାଶିତ ହେବାକୁ ଥିବା ଭୋଟର ତାଲିକାରେ ସ୍ଥାନୀତ ହେବାକୁ ଚାହୁଁଛନ୍ତି, ସେମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ସହ ମତଦାତା ଫର୍ମ ଦାଖଲ କରିବାକୁ ପଡ଼ିବ । ଯଦି କୌଣସି କାରଣରୁ ଅଧିକ ସମୟ ଆବଶ୍ୟକ ହେଉଥାଏ, ସେ କ୍ଷେତ୍ରରେ ଆସନ୍ତା ଅଗଷ୍ଟ ୩୦ ତାରିଖ ସୁଦ୍ଧା ଫର୍ମ ଦାଖଲ କରାଯାଇ ପାରିବ । ଗତକାଲି ସନ୍ଧ୍ୟା ୬ଟା ସୁଦ୍ଧା ବୁଥ୍ ସ୍ତରୀୟ ଅଧିକାରୀମାନେ ୪ କୋଟି ୬୬ ଲକ୍ଷରୁ ଅଧିକ ମତଦାତା ଫର୍ମର ତଥ୍ୟ ଡିଜିଟାଲ ଭାବରେ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଥିବା ଜଣାପଡ଼ିଛି ।

## ଗଭ୍-ତେନ୍‌ଜିଂ ନର୍ଗେ ଆୱାର୍ଡ

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସମ୍ମାନଜନକ ତେନ୍‌ଜିଂ ନୋର୍ଗେ ଜାତୀୟ ସାହସିକ ପୁରସ୍କାର ୨୦୨୪ ନିମନ୍ତେ ନାମାଙ୍କନପତ୍ର ଦାଖଲ ଲାଗି ଘୋଷଣା କରିଛନ୍ତି । ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ସ୍ୱରୂପ ଆହ୍ୱାନମୂଳକ ପରିସ୍ଥିତିରେ ଯୁବପିଢ଼ି ମଧ୍ୟରେ ଧୈର୍ଯ୍ୟ, ବିପଦର ସାମନା କରିବା ଏବଂ ସହଯୋଗମୂଳକ ଦଳୀୟ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ । ପ୍ରତିବର୍ଷ ଅର୍ଜୁନ ପୁରସ୍କାର ସହିତ ପ୍ରଦାନ କରାଯାଉଥିବା ତେନ୍‌ଜିଂ ନୋର୍ଗେ ଜାତୀୟ ସାହସିକତା ପୁରସ୍କାର ୪ଟି ବର୍ଗରେ ଦିଆଯାଇଥାଏ । ସେହି ବର୍ଗଗୁଡ଼ିକ ହେଉଛି–ଜଳ, ସ୍ଥଳ, ବାୟୁ କ୍ଷେତ୍ରରେ ସାହସିକତା ଏବଂ ଜୀବନବ୍ୟାପୀ ସଫଳତା । ପୁରସ୍କାର ସ୍ୱରୂପ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି, ପ୍ରମାଣପତ୍ର, ସିଲ୍‌କର ଟାଇ କିମ୍ବା ଶାଢ଼ୀ ଓ ୧୫ ଲକ୍ଷ ଟଙ୍କାର ନଗଦ ଅର୍ଥ ପ୍ରଦାନ କରାଯାଇଥାଏ ।

୨୦୨୪ ପୁରସ୍କାର ପାଇଁ ଜୁନ୍ ୧ ତାରିଖରୁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ **awards.gov.in** ପୋର୍ଟାଲ୍ ମାଧ୍ୟମରେ ନାମାଙ୍କନପତ୍ର ଗ୍ରହଣ କରାଯାଉଛି । ମନ୍ତ୍ରଣାଳୟର ୱେବ୍‌ସାଇଟ୍ **yas.ni.in**ରେ ବିସ୍ତୃତ ନିର୍ଦ୍ଦେଶାବଳୀ ଉପଲବ୍ଧ ହେଉଛି ।

## ଟେଷ୍ଟ କ୍ରିକେଟ୍

ଲର୍ଡସ୍‌ରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସ୍ ୨ ରନ୍‌ରୁ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୩୮୭ ରନ୍ କରିଥିବା ବେଳେ ଇଂଲଣ୍ଡ ମଧ୍ୟ ପ୍ରଥମ ଇନିଂସ୍‌ରେ ୩୮୭ ରନ୍ ସ୍କୋର୍ କରିଥିଲା । କେ.ଏଲ୍. ରାହୁଲ ଶତକ ସ୍କୋର କରିଥିବା ବେଳେ ରିଷଭ ପନ୍ତ ଏବଂ ରବିନ୍ଦ୍ର ଜାଡ଼େଜା ୭୪ ଓ ୭୨ ରନ୍ କରିଥିଲେ । ଇଂଲଣ୍ଡର କ୍ରିସ୍ ୱୋକ୍ସ ୮୪ ରନ୍‌ରେ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଜୋଫ୍ରା ଆର୍ଚର ଏବଂ ବେନ୍ ଷ୍ଟୋକ୍‌ସ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ପ୍ରଥମ ଦୁଇଟି ଟେଷ୍ଟମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି ।